# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13th January - 2025**

**************************************

## ମୁଖ୍ୟ ସମ୍ବାଦ

- ଆଭାସୀ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଓ ଓମ୍‌ଫେଡ୍‌କୁ ବିପଣନ ସହାୟତା ପ୍ରଦାନର ଶୁଭାରମ୍ଭ କଲେ ରାଷ୍ଟ୍ରପତି ।

- ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଯ୍ୟକାରିତାପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ।

— ଯୋଜନାଦ୍ୱାରା ରାଜ୍ୟର ୩ କୋଟି ଲୋକ ଉପକୃତ ହେବେ; କହିଲେ ମୁଖ୍ୟମନ୍ତ୍ରୀ ।

- ଜରୁରୀକାଳୀନ ପରିସ୍ଥିତି ସମୟରେ ବନ୍ଦୀ ଥିବା ସଂଗ୍ରାମୀମାନଙ୍କୁ ମାସିକ ୨୦ ହଜାର ଟଙ୍କା ପେନ୍‌ସନ୍ ଦେବାକୁ ଘୋଷଣା କଲେ ରାଜ୍ୟ ସରକାର ।

ଏବଂ

- ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଆରମ୍ଭ ହେଲା ଆସ୍ଥା ଓ ବିଶ୍ୱାସର ମହାପର୍ବ 'ମହାକୁମ୍ଭମେଳା' ।

*BBSR/R*

# ରାଷ୍ଟ୍ରପତି - ମୟୂରଭଞ୍ଜ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଆଭାସୀ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଗୋ-ସମାବେଶ, ଓମ୍‌ଫେଡ଼୍‌କୁ ବିପଣନ ସହାୟତା ଏବଂ ଗିଫ୍‌ଟ ମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ରାଷ୍ଟ୍ରପତି ଜିଲ୍ଲାର ୩ ହଜାର ଚାଷୀଙ୍କୁ ଦୁଧିଆଳି ଗାଇ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ୧୯ଟି ବିଦ୍ୟାଳୟରେ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମରେ ଜିଲ୍ଲାର ୧ ହଜାର ୧୮୪ ଜଣ ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଉପଲବ୍ଧ କରାଇବାପାଇଁ ମଧ୍ୟାହ୍ନ ଭୋଜନରେ ଭିଟାମିନ୍-ଏ’ ଓ ଡି’ ମିଶ୍ରିତ ପୁଷ୍ଟିଯୁକ୍ତ କ୍ଷୀର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଗୋ-ସମ୍ପଦର ବିକାଶଦ୍ୱାରା ଗ୍ରାମୀଣ ଗୋପାଳକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ଗୋ-ସମ୍ପଦର ଉନ୍ନତି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

*BBSR/R*

# ଆୟୁଷ୍ମାନ ଭାରତ - ବୁଝାମଣାପତ୍ର

ରାଜ୍ୟରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କାର୍ଯ୍ୟାନ୍ୱୟନପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀର ବିଜ୍ଞାନ ଭବନରେରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମଧ୍ୟରେ ଆଜି ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ । ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଖୁବ୍ ଶୀଘ୍ର ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ । ଏହାଦ୍ୱାରା ରାଜ୍ୟର ପ୍ରାୟ ୩ କୋଟି ଲୋକ ଏବଂ ୧ କୋଟି ୩ ଲକ୍ଷ ପରିବାର ଲାଭାନ୍ୱିତ ହେବେ । ଆୟୁଷ୍ମାନ ଭାରତ ଯୋଜନାରେ ହିତାଧିକାରୀମାନେ ଦେଶର ୩୦ ହଜାରରୁ ଅଧିକ ସରକାରୀ ତଥା ଘରୋଇ ହସ୍ପିଟାଲରେ ନଗଦ ବିହୀନ ଚିକିତ୍ସା ସୁବିଧା ପାଇପାରିବେ । ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତୀକରଣପାଇଁ ରାଜ୍ୟର ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଭାରତ ମନ୍ଦିର ସ୍ଥାପନ କରାଯିବା ସହ ଏଥିପାଇଁ ପ୍ରତି ମନ୍ଦିରରେ ଜଣେ ଲେଖାଏଁ ଯୋଗଶିକ୍ଷକ ନିୟୋଜିତ ହେବେ । ଆୟୁଷ୍ମାନ ଭାରତ ମନ୍ଦିରରେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice :.........***

***Desk***

# ଆଇ.ଟି. ହବ୍

ଓଡ଼ିଶାକୁ ଆଗାମୀ ଦିନରେ ଏକ ବଡ଼ ଆଇ.ଟି. ହବ୍ କରିବାପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ହୋଇଛି । ରାଜ୍ୟରେ ୪ଟି ଶିକ୍ଷାନୁଷ୍ଠାନରେ ସେମିକଣ୍ଡକ୍ଟର ଶିକ୍ଷା ଆରମ୍ଭ ହୋଇଛି । ଆଉ ୫ଟି କଲେଜରେ ସେମିକଣ୍ଡକ୍ଟର ଶିକ୍ଷା ଆରମ୍ଭ କରିବାପାଇଁ ଶ୍ରୀ ବୈଷ୍ଣବ ପ୍ରସ୍ତାବ ଦେଇଛନ୍ତି । ରାଜ୍ୟରେ ରେଳ ଭିତ୍ତିଭୂମି ସମ୍ପର୍କରେ ସେ କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ ୭୩ ହଜାର କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ ଚାଲିଛି । ଆଗକୁ ରେଳ ଭିତ୍ତିଭୂମିରେ ଆହୁରି ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

***BBSR/R***

# ଫସଲବୀମା - କ୍ଷତିପୂରଣ

ପ୍ରଧାନମନ୍ତ୍ରୀ ଫସଲବୀମା ପୋର୍ଟାଲ୍‌ରେ ବୀମା କମ୍ପାନୀ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପୋର୍ଟାଲ୍‌ରେ

ମୋଟ୍ ୨ ଲକ୍ଷ ୭୨୯ଟି ପ୍ଲଟ୍‌ରେ କ୍ଷତିଗ୍ରସ୍ତ ବୀମାଭୁକ୍ତ ଚାଷୀ ଆବେଦନ କରିଥିଲେ । ସେଥିମଧ୍ୟରୁ ପ୍ରାୟ ୧ ଲକ୍ଷ କ୍ଷତିଗ୍ରସ୍ତ ପ୍ଲଟ୍ ବାବଦକୁ ଚାଷୀମାନଙ୍କୁ ୨୧ କୋଟି ୯୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଗତ ଡିସେମ୍ବର ମାସରେ ୨ ଥର ଅଦିନିଆ ବର୍ଷା ଯୋଗୁଁ ରାଜ୍ୟରେ ଖରିଫ୍ ଫସଲରେ ବ୍ୟାପକ କ୍ଷୟକ୍ଷତି ପରିଲକ୍ଷିତ ହୋଇଥିଲା । ଏଥିନିମନ୍ତେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜିକୃତ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଫସଲ ବୀମା ପୋର୍ଟାଲ୍‌ରେ ସୂଚନା ଦେବାପାଇଁ ରାଜ୍ୟ ସରକାର ଅନୁରୋଧ କରିଥିଲେ ।

***BBSR/R***

## ସଂଗ୍ରାମୀ ପେନ୍‌ସନ୍

ଦେଶର ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ କାରାଗାରରେ ବନ୍ଦୀ ଥିବା ଓଡ଼ିଶାର ସଂଗ୍ରାମୀମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନ୍‌ସନ ଦେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏ ସମ୍ପର୍କରେ ଗୃହ ବିଭାଗ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ପେନ୍‌ସନ୍ ସହିତ ସଂଗ୍ରାମୀମାନଙ୍କ ସମସ୍ତ ମେଡିକାଲ୍ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ । ସୂଚନାଯୋଗ୍ୟ, ୧୯୭୫ ମସିହା ଜୁନ୍ ୨୫ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଦେଶରେ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ବିଭିନ୍ନ କାରାଗାରରେ ବନ୍ଦୀ ଥିଲେ ।

***Desk***

# ମହାକୁମ୍ଭମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆଜି ପୌଷପୂର୍ଣ୍ଣିମା ଅବସରରେ ଅମୃତ ସ୍ନାନ ସହ ମହାକୁମ୍ଭ ମେଳା-୨୦୨୫ ଆରମ୍ଭ ହୋଇଛି । ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳୀ ତ୍ରିବେଣୀଠାରେ ଆଜି ଅପରାହ୍ଣ ୩ଟା ସୁଦ୍ଧା ପ୍ରାୟ ୧ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । କୁମ୍ଭମେଳା ଆସନ୍ତା ମାସ ୨୬ତାରିଖ ମହାଶିବରାତ୍ରୀ ପର୍ଯ୍ୟନ୍ତ ଚାଲିବ ।

ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କୁମ୍ଭମେଳା ଲାଗି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି । ଟ୍ରେନଗୁଡିକ ଓଡିଶାର ବିଭିନ୍ନ ପ୍ରମୁଖ ସହରରୁ ପ୍ରୟାଗରାଜକୁ ଚଳାଚଳ କରିବ । ସେହିଭଳି ରାଜ୍ୟର ୪ଟି ପ୍ରମୁଖ ସ୍ଥାନରେ କୁମ୍ଭମେଳାପାଇଁ ବସ୍‌ସେବା ଆରମ୍ଭ ହୋଇଛି ।

***Baragarh/R***

# ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆଜି ଉଦ୍‌ଯାପିତ ହେଉଛି । ଆଜି କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ, କୁବଳୟା ଓ

ଅଷ୍ଟମଲ୍ଲ ବଧ, ଶିବଧନୁ ଭଙ୍ଗ, କଂସ ବଧ ଓ ଉଗ୍ରସେନଙ୍କ ରାଜ୍ୟାଭିଷେକ ଅଭିନୀତ ହେଉଛି।

*Puri, Nayagarh/R*

## ନୀଳମାଧବ - ସୁନାବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ପୌଷ ପୂର୍ଣ୍ଣିମା ଅବସରରେ ଶ୍ରୀଜିଉମାନଙ୍କର ନବାଙ୍କ ବେଶ ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିରରେ ଦେବାଭିଷେକ ପୂର୍ଣ୍ଣିମା ନୀତି ପାଳନ ସହ ଆସନ୍ତାକାଲି ମକର ସଂକ୍ରାନ୍ତିପାଇଁ ମକର ଅଧିବାସ ନୀତି ଏବଂ ସ୍ୱତନ୍ତ୍ର ମକର ତାଡ଼ ଆସିବାର ପରମ୍ପରା ରହିଛି । ଶ୍ରୀମନ୍ଦିରରେ ଆଜି ମକରଚାଉଳକୁ ବେଢ଼ା ପରିକ୍ରମା କରିବା ସହ ଅଧିବାସ କରି ରଖାଯିବାର ବିଧି ମଧ୍ୟ ରହିଛି ।

ଶ୍ରୀଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ସ୍ଥିତ ନୀଳମାଧବଙ୍କର ମଧ୍ୟ ଆଜି ସୁନାବେଶ ଅନୁଷ୍ଠିତ ହୋଇଛି । ନୀଳମାଧବ' ସୁବର୍ଣ୍ଣ କିରୀଟ, ସ୍ୱର୍ଣ୍ଣ ଶ୍ରୀପୟର, ଶଙ୍ଖ ସହିତ ସୁବର୍ଣ୍ଣ ସୁଦର୍ଶନ ଚକ୍ର ଆଦି ଅଳଙ୍କାରରେ ଭୂଷିତ ହୋଇଛନ୍ତି । ଠାକୁରଙ୍କ ସୁନାବେଶ ଉତ୍ସବ ନିମନ୍ତେ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

*Ganjam/R*

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ଗଞ୍ଜାମ ଜିଲ୍ଲାର ଆସିକାର ବାବନପୁରସ୍ଥିତ ଆଞ୍ଚଳିକ କୃଷ୍ଠରୋଗ ତାଲିମ ଏବଂ ଅନୁସନ୍ଧାନ ପ୍ରତିଷ୍ଠାନରେ କାର୍ଯ୍ୟରତ ବରିଷ୍ଠ ଡାକ୍ତର ଭି. ସାନ୍ତାରାମଙ୍କୁ ନିମନ୍ତ୍ରଣ ପତ୍ର ମିଳିଛି। ରାଷ୍ଟ୍ରପତି ଭବନରୁ ମିଳିଥିବା ଏହି ନିମନ୍ତ୍ରଣ ପାଇଁ ସେ ଖୁସିବ୍ୟକ୍ତ କରିଛନ୍ତି। ତାଙ୍କ ପ୍ରତିକ୍ରିୟାରେ ଡାକ୍ତର ଶାନ୍ତାରାମ କହିଛନ୍ତି :

***Voice* :...........**

*Desk*

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ରବିବାର ପୂର୍ବାହ୍ନ ୧୧ ଟାସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ

ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Bhadrak, Deogarh, Nayagarh, Sambalpur/R***

## ଜନଶୁଣାଣି

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବଅନ୍ତ ବ୍ଲକ୍ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜନଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗଦେଇ ୬୦ଟି ଅଭିଯୋଗର ଶୁଣାଣି କରିଥିଲେ ।

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍‌ରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ୧୮ଟି ଅଭିଯୋଗର ଶୁଣାଣି କରିଥିଲେ ।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଜିକୃତ ୮୫ଟି ଆବେଦନ ମଧ୍ୟରୁ ୧୬ଟି ମାମଲାର ତତ୍କାଳ ସମାଧନ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିରରେ ୫୩ଟି ଅଭିଯୋଗ ମଧ୍ୟରୁ ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

***Desk***

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ଆଜି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ରାତି ୮ଟା ୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ। ମହିଳା ବର୍ଗରେ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମ୍‌ରେ ଶ୍ରାଚି ରାଢ଼ ବେଙ୍ଗଲ ଟାଇଗର୍ସ  ଓ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ଜାରି ରହିଛି ।

*****